# ଅଧ୍ୟାୟ - II

# ଆର୍ଥିକ ପରିଚାଳନା

# ଅଧ୍ୟାୟ II

## ଆର୍ଥିକ ପରିଚାଳନା

### 2.1 ବଜେଟ ବ୍ୟବସ୍ଥା ଏବଂ ଖର୍ଚ୍ଚ

ଡିଓଡବ୍ଲୁଆରଙ୍କ ଦ୍ଵାରା 2014-15 ରୁ 2019-20 ମଧ୍ୟରେ ବଜେଟ୍ ବ୍ୟବସ୍ଥା ତୁଳନାରେ ବ୍ୟୟର ବିବରଣୀ ନିମ୍ନରେ ପ୍ରଦାନ କରାଗଲା :

**ସାରଣୀ 2.1 : 2014 – 2020 ମଧ୍ୟରେ ବଜେଟ୍ ବ୍ୟବସ୍ଥା ଏବଂ ଡିଓଡବ୍ଲୁଆରଙ୍କ ଦ୍ଵାରା ପାଣ୍ଠିର ବ୍ୟବହାର ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ଡିଓଡବ୍ଲୁଆର ବଜେଟ୍ ରେ ବ୍ୟବସ୍ଥା | ଡିଓଡବ୍ଲୁଆର ର ଖର୍ଚ୍ଚ | ବଜେଟ ବ୍ୟବସ୍ଥାର ଅନୁଯାୟୀ ଖର୍ଚ୍ଚର ପ୍ରତିଶତ |
|---|---|---|---|
| 2014-15 | 4,566.88 | 4,278.70 | 94 |
| 2015-16 | 6,236.36 | 6,043.53 | 97 |
| 2016-17 | 7,986.20 | 7,749.65 | 97 |
| 2017-18 | 9,224.88 | 8,814.73 | 96 |
| 2018-19 | 10,221.33 | 9,305.46 | 91 |
| 2019-20 | 9,738.42 | 6,112.26 | 63 |
| ମୋଟ | **47,974.07** | **42,304.33** | **88** |

(ଉତ୍ସ: ଓଡ଼ିଶା ବଜେଟ୍)

**ସାରଣୀ 2.2 : ଡିଓଡବ୍ଲୁଆରଙ୍କ ଦ୍ଵାରା 2014 – 2020 ମଧ୍ୟରେ ଭୂପୃଷ୍ଠ ଜଳସେଚନ ନିମନ୍ତେ ବଜେଟ୍ ବ୍ୟବସ୍ଥା ଏବଂ ଏହି ପାଣ୍ଠିର ଉପଯୋଗ ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ଭୂପୃଷ୍ଠ ଜଳ ସେଚନ ପାଇଁ ବଜେଟ୍ ରେ ବ୍ୟବସ୍ଥା | ଭୂପୃଷ୍ଠ ଜଳସେଚନ ରେ ଖର୍ଚ୍ଚ | ବଜେଟ ବ୍ୟବସ୍ଥାର ଅନୁଯାୟୀ ଖର୍ଚ୍ଚର ପ୍ରତିଶତ |
|---|---|---|---|
| 2014-15 | 2,557.81 | 2,423.67 | 95 |
| 2015-16 | 3,695.68 | 3,541.84 | 96 |
| 2016-17 | 5,025.20 | 4,842.14 | 96 |
| 2017-18 | 6,617.71 | 5,884.58 | 89 |
| 2018-19 | 7,470.63 | 4,682.27 | 63 |
| 2019-20 | 4,999.48 | 3,778.85 | 76 |
| ମୋଟ | **30,366.51** | **25,153.35** | **83** |

**(ଉତ୍ସ: ଇଆଇସି ଅଫିସରୁ ସଂଗୃହିତ ତଥ୍ୟ)**

ପାଞ୍ଚଟି ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକର 2014 – 2020 ମଧ୍ୟରେ ପୁଙ୍ଖାନୁପୁଙ୍ଖ ବଜେଟ ବ୍ୟବସ୍ଥା ଏବଂ ଏହାର ଉପଯୋଗ ନିମ୍ନରେ ପ୍ରଦାନ କରାଗଲା ।

**ସାରଣୀ 2.3 : ନମୂନା ଯାଞ୍ଚ ପ୍ରକଳ୍ପ ଗୁଡିକରେ ବଜେଟ ବ୍ୟବସ୍ଥା ଏବଂ ପାଣ୍ଠିର ଉପଯୋଗ ଦର୍ଶାଉଥିବା ବିବରଣୀ**

(ଟଙ୍କା କୋଟିରେ)

| ବର୍ଷ | ବଜେଟ ବ୍ୟବସ୍ଥା | ପୁନଃ ବିନିଯୋଗ | ପରିବର୍ତ୍ତିତ ବ୍ୟବସ୍ଥା | ବ୍ୟୟ (ପ୍ରତିଶତ) | ସମର୍ପଣ ର ମୂଲ୍ୟ |
|---|---|---|---|---|---|
| 2014-15 | 780.09 | -47.12 | 732.97 | 668.19*(91.16)* | 64.78 |
| 2015-16 | 722.01 | 30.45 | 752.46 | 735.57*(97.76)* | 16.89 |
| 2016-17 | 1,123.09 | -186.95 | 936.14 | 929.37*(99.28)* | 6.77 |
| 2017-18 | 1,202.91 | -132.21 | 1,070.70 | 984.46*(91.95)* | 86.24 |
| 2018-19 | 1,428.00 | -41.35 | 1,386.65 | 1,026.39*(74.02)* | 360.26 |
| 2019-20 | 1357.22 | -122.69 | 1234.53 | 926.49(75.05) | 308.04 |
| ମୋଟ | **6,613.32** | **-499.87** | **6,113.45** | **5,270.47** | **842.98** |

**(ଉତ୍ସ: ପାଞ୍ଚଟି ସିଇ (ସିଇ ଆଣ୍ଡ ବିଏମ୍) / ସିସିଇଙ୍କଠାରୁ ସଂଗ୍ରହ କରାଯାଇଥିବା ତଥ୍ୟାବଳୀ)**

ଡିଓଡବ୍ଲୁଆର ଗତ ଛଅ ବର୍ଷ 2014-20 ମସିହା ମଧ୍ୟରେ 842.98 କୋଟି ଟଙ୍କା ସମର୍ପଣ କରିଥିଲେ ଯାହାକି ପରିବର୍ତ୍ତିତ ବଜେଟ ବ୍ୟବସ୍ଥାର 14 ପ୍ରତିଶତ ଥିଲା । ମୁଖ୍ୟତଃ ବିଭାଗ ଦ୍ୱାରା ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ଜାଗା ଗୁଡିକ ହସ୍ତାନ୍ତର କରିବାରେ ବିଳମ୍ବ, ଅନିବାର୍ଯ୍ୟ ନିକାସ ଆଣିବାରେ ବିଳମ୍ବ, ଜାପାନ ଆନ୍ତର୍ଜାତିକ ସହଯୋଗ ପ୍ରତିନିଧି (ଜେଆଇସିଏ) ରୁ ଲୋନ ସହାୟତାରେ ତୃତୀୟ ପର୍ଯ୍ୟାୟ ଅଧୀନରେ ନିଆଯାଇଥିବା କାର୍ଯ୍ୟର ସମ୍ପାଦନ ନ ହେବା କାରଣରୁ ପାଣ୍ଠିର ସମର୍ପଣ କରାଯାଇଥିଲା । ଯଦିଓ 2016 ମସିହାରେ ଏଲଆଇଆଇପିର ଭୂଗର୍ଭସ୍ଥ ପାଇପ ଲାଇନ୍ (ୟୁଜିପିଏଲ୍) ବିଛାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ବିଳମ୍ବରେ କାର୍ଯ୍ୟଟିକୁ ପ୍ରଦାନ କରାଯିବା (ମାର୍ଚ୍ଚ 2018) କାରଣରୁ ମୁଖ୍ୟତଃ 499.87 କୋଟି ଟଙ୍କା ପୁନର୍ବିନିଯୋଗ କରାଗଲା । ସେହିପରି ଜମି ଅଧିଗ୍ରହଣ ହୋଇ ନ ପାରିବା କାରଣରୁ ଆରଆରବିସି/ଆରଏଲବିସି ରେ କାର୍ଯ୍ୟ ସମ୍ପାଦିତ ହୋଇପାରି ନ ଥିଲା ।

ସରକାର ଏହି ତଥ୍ୟକୁ ଗ୍ରହଣ କରି କହିଲେ (ଜୁଲାଇ 2021) ଯେ ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଜଙ୍ଗଲ ଜମିର ନିକାସ ସହିତ ପଡି ରହିଥିବା ବିଲ୍ ଏବଂ ଅନ୍ୟାନ୍ୟ କାରଣରୁ ପାଣ୍ଠିର ଉପଯୋଗରେ ହ୍ରାସ ହୋଇଥିଲା । ସରକାର ପୁନର୍ବାର ଭରସା ଦେଲେ ଯେ ପ୍ରତ୍ୟେକ ଆର୍ଥିକ ବର୍ଷରେ ସମୁଦାୟ ବଜେଟ୍ ବ୍ୟବସ୍ଥାର ଉପଯୋଗ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଅଛି ।

## 2.2 ନମୁନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ପ୍ରକଳ୍ପ ଅନୁଯାୟୀ ଅନୁମୋଦିତ ମୂଲ୍ୟ ଏବଂ ଖର୍ଚ୍ଚ

ପ୍ରକଳ୍ପ ଗୁଡିକର ମାର୍ଚ୍ଚ 2020 ସୁଦ୍ଧା ପ୍ରକଳ୍ପ ଭିତ୍ତିକ ଅନୁମୋଦିତ ମୂଲ୍ୟ ଏବଂ ବ୍ୟୟ ନିମ୍ନରେ ଥିବା ସାରଣୀରେ ପ୍ରଦାନ କରାଗଲା :


**ସାରଣୀ 2.4- ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ପ୍ରକଳ୍ପ ଭିତ୍ତିକ ଅନୁମୋଦିତ ମୂଲ୍ୟ ଏବଂ ବ୍ୟୟ ଦର୍ଶାଉଥିବା ବିବରଣୀ**

*(ଟଙ୍କା କୋଟିରେ)*

| ପ୍ରକଳ୍ପର ନାମ | ପ୍ରକଳ୍ପର ମୂଳ ମୂଲ୍ୟ | ପ୍ରକଳ୍ପର ପରିବର୍ତ୍ତିତ ମୂଲ୍ୟ (ଅଧିକ ପ୍ରତିଶତ) | ମାର୍ଚ୍ଚ 2020 ପର୍ଯ୍ୟନ୍ତ ସମୁଦାୟ ଖର୍ଚ୍ଚ | ଆରମ୍ଭର ବର୍ଷ | ସମାପ୍ତ ର ପରିବର୍ତ୍ତିତ ତାରିଖ | ମନ୍ତବ୍ୟ |
|---|---|---|---|---|---|---|
| ୟୁଆଇଆଇପି | 136.67 | 627.96 *(459)* | 761.63 | 2003 | ମାର୍ଚ୍ଚ 2016 | ସମ୍ପୂର୍ଣ୍ଣ |
| ଏସଆଇପି | 221.68 | 6,715.96 *(3030)* | 4,872.64 | 1982 | ମାର୍ଚ୍ଚ 2019 | ଅଗ୍ରଗତିରେ |
| ଏଲ୍ଆଇଆଇପି | 211.70 | 1,925.63 *(910)* | 1,811.73 | 1999 | ମାର୍ଚ୍ଚ 2021 | ଅଗ୍ରଗତିରେ |
| ଆରଆରବିସି | 69.64 | 3,200.78 *(4596)* | 2,267.19 | 1978 | ମାର୍ଚ୍ଚ 2022 | ଅଗ୍ରଗତିରେ |
| ଆରଏଲବିସି | 164.00 | 6,469.27 *(3945)* | 2,871.25 | 1978 | ମାର୍ଚ୍ଚ 2023 | ଅଗ୍ରଗତିରେ |
| ଏମଏଲପି (9 ଟି) | 137.33 | 137.33 *(Nil)* | 137.33 | 2013-15 | ମାର୍ଚ୍ଚ 2018<br>ମାର୍ଚ୍ଚ 2019 | ସମ୍ପୂର୍ଣ୍ଣ |
| ଏମଆଇପି( 10 ଟି) | 14.71 | 26.70 *(182)* | 20.34 | 2006-08 | 2010-2014 | ସମ୍ପୂର୍ଣ୍ଣ |
| ମୋଟ | **955.73** | **19,103.63** | **12,742.11** | | | |

(ଉତ୍ସ: ସିଇ/ସିସିଇଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟାବଳୀ)

ଚାର୍ଟ ସଂଖ୍ୟା 2.1 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ପ୍ରକଳ୍ପ ଅନୁଯାୟୀ ମୂଳ ମୂଲ୍ୟ ଏବଂ ପରିବର୍ତ୍ତିତ ମୂଲ୍ୟ




ଉପରୋକ୍ତ ସାରଣୀରୁ ଜଣାଗଲା ଯେ ପ୍ରକଳ୍ପ ଗୁଡିକ ଯାହା 1978 ମସିହାରୁ ଆରମ୍ଭ ହୋଇଥିଲା ତାହାର ସରିବା ଦିନ ପରିବର୍ତ୍ତନ ହୋଇ ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି । ଏହା ମୁଖ୍ୟତଃ ଜମି ଅଧିଗ୍ରହଣରେ ବିଳମ୍ବ, କେନାଲ ପାଇଁ ଜଙ୍ଗଲ

ନିକାସ, ପରିକଳ୍ପନାର ଚୂଡାନ୍ତରେ ବିଳମ୍ବ ଇତ୍ୟାଦି କାରଣରୁ ହୋଇଥିଲା । ଏମଏଲପି ଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ପ୍ରକଳ୍ପ ଗୁଡିକର ମୂଲ୍ୟ 182 ରୁ 4,596 ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା । ମୂଲ୍ୟବୃଦ୍ଧି ସତ୍ତ୍ୱେ, ମାତ୍ର ଗୋଟିଏ ବୃହତ୍ ପ୍ରକଳ୍ପ ଅର୍ଥାତ ୟୁଆଇଆଇପି (ସଂପ୍ରସାରଣ) ସମ୍ପୂର୍ଣ୍ଣ ହୋଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ଅନ୍ୟ ଚାରୋଟି ପ୍ରକଳ୍ପ ବୃହତ୍ ପ୍ରକଳ୍ପ ଗୁଡିକ ପ୍ରଗତିରେ ଥିଲା, ଯାହାଫଳରେ ପୁନର୍ବାର ମୂଲ୍ୟର ବୃଦ୍ଧିକୁ ଏଡାଇ ଦିଆଯାଇ ପାରିବ ନାହିଁ । ମୂଲ୍ୟ ବୃଦ୍ଧି ବିଭିନ୍ନ କାରଣରୁ ହୋଇଥିଲା ଯଥା- କାର୍ଯ୍ୟଗୁଡିକର କାର୍ଯ୍ୟାନ୍ୱୟନରେ ବିଳମ୍ବ, ଜମିର ମୂଲ୍ୟବୃଦ୍ଧି, ଆରଏଣ୍ଡଆର ନୀତିରେ ପରିବର୍ତ୍ତନ କାରଣରୁ ଥଇଥାନ ଏବଂ ପୁନର୍ବାସ (ଆର ଆଣ୍ଡ ଆର) ସହାୟତା ଦେୟରେ ବୃଦ୍ଧି, ଅନୁସୂଚି ଦରରେ ପରିବର୍ତ୍ତନ ଯାହାକି ପରବର୍ତ୍ତୀ ଅନୁଚ୍ଛେଦରେ ବିଶଦ ଭାବରେ ଦିଆଗଲା ।

ନମୁନା ଯାଞ୍ଚ ପ୍ରକଳ୍ପଗୁଡିକର ସମୀକ୍ଷା ନୀରିକ୍ଷଣରେ ଆସିଥିବା ଆର୍ଥିକ କୁ-ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ନିମ୍ନରେ ଥିବା ସାରଣୀରେ ଦିଆଗଲା ।

**ସାରଣୀ 2.5: ଆର୍ଥିକ ପରିଚାଳନାରେ ଲକ୍ଷ୍ୟ କରାଯାଇଥିବା ଅନିୟମିତତା ଗୁଡିକ ବିବରଣରେ ଦର୍ଶାଗଲା**

| କ୍ରମିକ ସଂଖ୍ୟା | ଅନିୟମିତତାର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| 1 | କେନ୍ଦ୍ରୀୟ ସହାୟତା (ସିଏ) ପ୍ରାପ୍ତ ନ ହେବା | 311.60 | ଏସଆଇପି,ୟୁଆଇଆଇପି ଏବଂ ଏଲଆଇଆଇପି | ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ) ନିର୍ଦ୍ଧାରଣ କରିଛି ଯେ ବର୍ଷର ଆରମ୍ଭରୁ ପ୍ରଥମ କିସ୍ତି ପାଇଁ ଜିଓଆଇ ଅନୁଦାନ ଦେବେ ଏବଂ ପ୍ରଥମ କିସ୍ତି ପାଇଁ ବ୍ୟବହାର ପ୍ରମାଣପତ୍ର (ୟୁସି) ହୋଇ ସାରିବା ପରେ ଦ୍ୱିତୀୟ କିସ୍ତି ନିର୍ଗମିତ ହେବ । ସମୀକ୍ଷା ଅବଲୋକନ କଲା ଯେ 2015-19 ବର୍ଷର ପିଏମକେଏସୱାଇ ତିନିଟି ପ୍ରକଳ୍ପ ର (ଏସଆଇପି, ୟୁଆଇଆଇପି ଏବଂ ଏଲଆଇଆଇପି) ସହାୟତା ପାଇଁ ଡିଓଡବ୍ଲ୍ୟୁଆର 986.96 କୋଟି ଟଙ୍କାର ଦାବୀ ଉପସ୍ଥାପନ କରିଥିଲେ । ଉପରୋକ୍ତ ଦାବୀ ରଖିଥିବା ପରିମାଣ ମଧ୍ୟରୁ ଡିଓଡବ୍ଲ୍ୟୁଆର ଠିକ୍ ସମୟରେ ୟୁସି ନିବେଦନ ଦାଖଲ ନ କରିବା କାରଣରୁ ଜିଓଆଇ 675.36 କୋଟି ଟଙ୍କା ନିର୍ଗମନ କରିଥିଲେ ଏବଂ କେନ୍ଦ୍ର ଦ୍ୱାରା ଅବଶିଷ୍ଟ 311.60 କୋଟି ଟଙ୍କା ନିର୍ଗମିତ ହୋଇ ନ ଥିଲା । ତେଣୁ କେନ୍ଦ୍ରୀୟ ସହାୟତାରୁ ରାଜ୍ୟ ବଞ୍ଚିତ ହେଲା । |
| | | 592.34 | ଆରଆରବିସି | ଆରଆରବିସିର ଶାଖା କେନାଲର ନିର୍ମାଣ ପାଇଁ ଜଙ୍ଗଲ ନିକାସର ଅଭାବ ହେତୁ ଜିଓଆଇ ଏଆଇବିପି ଅଧୀନରେ ପାଣ୍ଠିକୁ ବନ୍ଦ କରିଥିଲେ (2010-11) । ଏହି ପ୍ରକଳ୍ପଟି ମଧ୍ୟ ପିଏମକେଏସୱାଇରେ ଅନ୍ତର୍ଭୁକ୍ତ ନ ହେବା ଫଳରେ 592.34 କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହରାଇଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ୟୁସି ଦିଆଯାଉଥିଲା ଏବଂ କେନ୍ଦ୍ରୀୟ ସହାୟତା ର ଗ୍ରହଣ ପାଇଁ ପ୍ରସ୍ତାବ ଗୁଡିକ ଦିଆଯାଉଥିଲା ।ଯାହାହେଉ ରାଜ୍ୟ 592.34 କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ହରାଇଲା । |
| 2 | ପାଣ୍ଠିଗୁଡିକ ବିଭିନ୍ନ ବ୍ୟାଙ୍କ୍ ଖାତାରେ ରଖାଯିବା | 334.64 | ଏସଆଇପି,ଏଲଆଇଆଇପି ଏବଂ ଆରଆରବିସି | ଓଟିସି ନିୟମ 242 ନିର୍ଦ୍ଧାରଣ କରିଛି ଯେ ତୁରନ୍ତ ବିତରଣ କରିବାର ଆବଶ୍ୟକତା ନ ଥିଲେ ଅର୍ଥ ଟ୍ରେଜେରୀ ରୁ ଉଠାଯାଇ ପାରିବନାହିଁ । ଦାବୀର ଆଗୁଆ ଅନୁମାନ କିମ୍ବା ବଜେଟ ଅନୁଦାନର ଚ୍ୟୁତିକୁ ନିବାରଣ ପାଇଁ ଟ୍ରେଜେରୀରୁ ଅର୍ଥ ଉଠାଣକୁ ଅନୁମତି ନଥାଏ । ସମୀକ୍ଷା ଯାଞ୍ଚରୁ ପ୍ରକଟିତ ହେଲା ଯେ ;<br>(i) ଏସଆଇପି ପ୍ରକଳ୍ପର କ୍ଷମତାପନ୍ନ ପ୍ରାଧିକାରୀ ଡିସେମ୍ବର 2011 ଏବଂ ଜୁନ 2015 ମଧ୍ୟରେ 75 କୋଟି ଟଙ୍କା ଉଠାଣ କରିଥିଲେ ଏବଂ ଏହାକୁ ଆର |

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| | | | | ଏଣ୍ଡ ଆର ସହାୟତା ର ଦେୟ ବାବଦରେ ପ୍ରକଳ୍ପ ନିର୍ଦ୍ଦେଶକ ଆର ଏଣ୍ଡ ଆରଙ୍କ ପାଖରେ ରଖାଯାଇଥିଲା । ଯାହାହେଉ, ଏହା ଅଭିଳଷିତ ଉଦ୍ଦେଶ୍ୟ ପାଇଁ ବ୍ୟବହାର ହେବା ପରିବର୍ତ୍ତେ ଡିସେମ୍ବର 2011ଠାରୁ ସେପ୍ଟେମ୍ବର 2019 ରେ ହୋଇଥିବା ସମୀକ୍ଷା ପର୍ଯ୍ୟନ୍ତ ସଂଚୟ ବ୍ୟାଙ୍କ ଖାତାରେ ରଖାଯାଇଥିଲା । ଏହା ସଂକେତ ଦେଉଥିଲା ଯେ ଓଟିସି ନିୟମ 242 ର ବ୍ୟତିକ୍ରମରେ ତୁରନ୍ତ ଆବଶ୍ୟକତା ନ ଥାଇ ମଧ ଅର୍ଥ ଉଠାଣ କରାଯାଇଥିଲା ।<br><br>(ii) ସେହିପରି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପରିପତ୍ର (ସେପ୍ଟେମ୍ବର 2012) ଯାହାକି ସିଭିଲ ଜମାରେ ଅଗ୍ରୀମ ଗୁଡ଼ିକୁ ଜମା ରଖିବା ପାଇଁ ନିର୍ଦ୍ଧାରଣ କରିଥିଲା । ପରନ୍ତୁ ତିନିଟି ପ୍ରକଳ୍ପର (ଏସଆଇପି, ଏଲଆଇଆଇପି ଏବଂ ଆରଆରବିସି) ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) (ଆରଏଣ୍ଡଆର ଏଣ୍ଡ ଏଲଏଓ) ଏଲଏ ଏବଂ ଆରଏଣ୍ଡଆର ସହାୟତା ପାଇଁ 334.64 କୋଟି ଟଙ୍କା ଅଗ୍ରିମ ଉଠାଣ କରି (2011 ରୁ 2019 ମଧ୍ୟରେ) ସିଭିଲ ଜମା ହିସାବ ଶୀର୍ଷ - 8,443 ଅଧୀନରେ ଜମା ରଖିବା ପରିବର୍ତ୍ତେ ବିଭିନ୍ନ ବ୍ୟାଙ୍କରେ ଜମା ରଖିଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ଆରଏଣ୍ଡଆର ସହାୟତାର ତୁରନ୍ତ ବିତରଣ ପାଇଁ ସିଭିଲ ଜମାରୁ ଉଠାଣର ପ୍ରକ୍ରିୟା ଠାରୁ ଦୂରେଇବା ପାଇଁ ପାଣ୍ଠିକୁ ବ୍ୟାଙ୍କ ଖାତାରେ ରଖାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଇତି ମଧ୍ୟରେ ଆଠ ବର୍ଷ ଅତିକ୍ରାନ୍ତ ହୋଇ ସାରିଲାଣି ଏବଂ ଏହା ପରିପତ୍ର ନିର୍ଦ୍ଦେଶନାମାର ଉଲ୍ଲଂଘନ ଥିଲା । |
| 3 | ରାଜସ୍ୱ ଟଙ୍କା ପଇଠ ନ ହେବା | 66.94 | ଏସଆଇପି, ଆରଆରବିସି ଏବଂ ଏଲଆଇଆଇପି | ଓଡିଶା ଜିଏଫଆର ତୃତୀୟ ଅଧ୍ୟାୟର ନିୟମ 25 ଅନୁସାରେ ନିୟନ୍ତ୍ରଣ ଅଧିକାରୀ ଆଦାୟ କରୁଥିବା ସରକାରୀ ରାଜସ୍ୱ ନିୟମିତ ଭାବେ ଏବଂ ତତ୍‌କ୍ଷଣାତ୍ ସରକାରଙ୍କ ବ୍ୟାଙ୍କ ଖାତାରେ ଜମା କରିବା କଥା । ସମୀକ୍ଷା ଅବଲୋକନ କଲା ଯେ ରଖାଯାଇଥିବା ପାଣ୍ଠିର ବିଭିନ୍ନ ବ୍ୟାଙ୍କ ଜମାରୁ ଆୟ ହୋଇଥିବା 66.94 କୋଟି ଟଙ୍କାର ସୁଧ ପ୍ରକଳ୍ପ ଅଧିକାରୀ ମାନେ (ଏସଆଇପି, ଆରଆରବିସି, ଏବଂ ଏଲଆଇଆଇପି) ଉପରୋକ୍ତ ନିୟମକୁ ଉଲ୍ଲଘଂନ କରି ପଇଠ କରିବାରେ ବିଫଳ ହୋଇଥିଲେ ।<br>ସରକାର ଜଣାଇଲେ (ଜୁଲାଇ 2019) ଯେ 30.71 କୋଟି ଟଙ୍କା ପଇଠ ହୋଇଥିଲା ଏବଂ ବ୍ୟାଙ୍କରୁ ସୁଧର ପରିମାଣ ଆସିଲେ ଅବଶିଷ୍ଟ ପରିମାଣର ସୁଧ ପଇଠ କରାଯିବ । |
| 4 | ଅସୁଝା ଅଗ୍ରୀମ | 64.94 | ଏସଆଇପି ଏବଂ ଆରଆରବିସି | ଜିଓଓର ପୂର୍ତ୍ତ ବିଭାଗର ସଂକଳ୍ପ ସଂଖ୍ୟା 9133, 6 ସେପ୍ଟେମ୍ବର 2012 ତାରିଖ ଅନୁସାରେ ଓଡିଶା ନିର୍ମାଣ ନିଗମ (ଓସିସି) କୁ ଅଧିନିର୍ଣ୍ଣୟ ପରିମାଣର ଏକ ତୃତୀୟାଂଶ ପ୍ରଥମ ଅଗ୍ରୀମ ହିସାବରେ ଦିଆଯିବ । ପ୍ରଥମ ଅଗ୍ରୀମର 75 ପ୍ରତିଶତ ସମଯୋଜନ ହେଲା ପରେ ଦ୍ୱିତୀୟ ଅଗ୍ରୀମ ମଞ୍ଜୁରୀ ହେବାର ଥିଲା ।<br>ପ୍ରଥମ ଅଗ୍ରୀମର 75 ପ୍ରତିଶତ ସମଯୋଜନ ହୋଇ ନ |

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| | | | | ଥିଲେ ମଧ୍ଯ ଚାରିଟି କାର୍ଯ୍ୟ[7] ପାଇଁ ଦୁଇଟି ପ୍ରକଳ୍ପ ର ଇଇ ମାନେ ଓସିସିକୁ 381.55 କୋଟି ଟଙ୍କା ପ୍ରଦାନ କରିଥିଲେ । (ଜୁନ 2016 ରୁ ମଇ 2017) ଯେଉଁଥିରୁ ଅପ୍ରେଲ୍ 2021 ସୁଦ୍ଧା 316.61 କୋଟି ଟଙ୍କା ପରବର୍ତ୍ତୀ ସମୟରେ ସମଯୋଜନ ହୋଇଥିଲା । ଅବଶିଷ୍ଟ ଅଗ୍ରୀମ 64.94 କୋଟି ଟଙ୍କା ଅସୁଝା ଅଛି ଏବଂ ଏହି କାର୍ଯ୍ୟଗୁଡିକ ଅନୁବନ୍ଧ ସରିବା ପରେ ମଧ୍ଯ ସେପ୍ଟେମ୍ବର 2021 ସୁଦ୍ଧା ଅସମ୍ପୂର୍ଣ୍ଣ ଅଛି ।<br>ଅଗ୍ରୀମର ଅସମଯୋଜନ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନଥିଲେ । |
| 5 | ଜିଏସଟିର ଅଗ୍ରାହ୍ୟ ଦେୟ | 10.23 | ଏସଆଇପି,ଏଲଆଇଆଇପି ଏବଂ ଏମଏଲପି | ସାମଗ୍ରୀ ଓ ସେବା କର (ଜିଏସଟି) ଜୁଲାଇ 2017 ଠାରୁ ଜିଓଆଇ ପ୍ରବର୍ତ୍ତନ କରିଥିଲେ କିନ୍ତୁ କାର୍ଯ୍ୟ ବିଲ୍ ଗୁଡିକରେ ସେପ୍ଟେମ୍ବର 2018 ପର୍ଯ୍ୟନ୍ତ ଜିଏସଟି ଦେୟ ହୋଇ ନ ଥିଲା । ଅକ୍ଟୋବର 2018 ରୁ କାର୍ଯ୍ୟ ବିଲ୍ ଉପରେ 12 ପ୍ରତିଶତ ଜିଏସଟି ଦିଆଗଲା । ତିନିଟି ପ୍ରକଳ୍ପ ଗୁଡିକ (ଏସଆଇପି, ଏଲଆଇଆଇପି ଏବଂ ଏମଏଲପି) ର ତିନୋଟି କାର୍ଯ୍ୟ[8] ଏଜେନ୍ସୀ କୁ ଦିଆଯାଇଥିଲା ଯାହା ମଇ 2017 ରୁ ନଭେମ୍ବର 2017 ମଧ୍ଯରେ ସମ୍ପୂର୍ଣ୍ଣ ହେବାର ଥିଲା କିନ୍ତୁ ଅକ୍ଟୋବର 2018 ପରେ ମଧ୍ଯ ସମ୍ପ୍ରସାରିତ କରାଯାଇଥିଲା । ଏଜେନ୍ସୀ ମାନେ କାର୍ଯ୍ୟଗୁଡିକୁ ଧାର୍ଯ୍ୟ ସମୟ ମଧ୍ଯରେ ସମାପ୍ତ କରିନଥିଲେ ଫଳରେ ଜିଏସଟି ବାବଦରେ 10.23 କୋଟି ଟଙ୍କା ଅଯୁକ୍ତିଯୁକ୍ତ ଭାବେ ଦିଆଯାଇଥିଲା ।<br><br>ସରକାର ଜଣାଇଲେ (ଜୁଲାଇ 2021) ଯେ, ଯେଉଁ ଚୁକ୍ତି ଗୁଡିକ ପାଇଁ ସମ୍ପ୍ରସାରଣ ସମୟସୀମା ମଞ୍ଜୁର ହୋଇଥିଲା ଜିଏସଟି ପ୍ରଦାନ ଅନିବାର୍ଯ୍ୟ ଥିଲା । ଆହୁରି ମଧ୍ଯ ଜଣାଇଲେ ଯେ ଯାହାହେଉ ସମୀକ୍ଷା ମନ୍ତବ୍ୟ ଭବିଷ୍ୟତ ଦିଗଦର୍ଶନ ପାଇଁ ଟିପ୍ପଣୀକୃତ କରାଗଲା । ବିଭାଗ ଦ୍ୱାରା ସଠିକ୍ ପର୍ଯ୍ୟାଲୋଚନ ହୋଇଥିଲେ କାର୍ଯ୍ୟଗୁଡିକ ଯାହାକି ଅଭିଯାନ୍ତ୍ରିକ, ସଂଗ୍ରହ ଏବଂ ନିର୍ମାଣ (ଇପିସି) ପ୍ରକାରରେ କାର୍ଯ୍ୟାନ୍ୱୟନ ହୋଇଥିଲା ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇଥାନ୍ତା ଏବଂ ଜିଏସଟିର ଦେୟ ପରିହାର ହୋଇ ପାରିଥାନ୍ତା । |
| 6 | ସେବା କରର ଅଗ୍ରାହ୍ୟ ଦେୟ | 3.99 | ୟୁଆଇଆଇପି ଏବଂ ଏମଏଲପି | ସେବା କରର ଅଧିସୂଚନା ସଂଖ୍ୟା 25/2012 ତାରିଖ 20 ଜୁନ 2012 ପାରା 12(ଡି) ଅନୁସାରେ କେନାଲ, ଡ୍ୟାମ୍ ଓ ଅନ୍ୟାନ୍ୟ ଜଳସେଚନ କାର୍ଯ୍ୟଗୁଡିକରେ ବ୍ୟବହାର ପାଇଁ ନିର୍ମାଣ କାର୍ଯ୍ୟ ଉପରେ ସେବା କର ଛାଡ କରାଯାଇଥିଲା । କିନ୍ତୁ ଦେଖାଗଲା ଯେ ଏହି ପ୍ରାଧିକରଣକୁ ଉଲ୍ଲଂଘନ କରି ଦୁଇଟି ନମୁନା ଯାଞ୍ଚ ପ୍ରକଳ୍ପ (ୟୁଆଇଆଇପି ଏବଂ ଏମଏଲପି) ଗୁଡିକର ଇଇ ମାନେ ସେବାକର ବାବଦରେ 3.99 କୋଟି ଟଙ୍କା ଓସିସି କୁ ଦେଇଥିଲେ (ଡିସେମ୍ବର 2016 ରୁ ଫେବୃଆରୀ 2018) ଯାହାକି ଅଗ୍ରାହ୍ୟ ଥିଲା ଏବଂ |

[7] (i) ହଳଦିଆ ଡ୍ୟାମର ସ୍ପିଲ୍ ୱେ ନିର୍ମାଣ (ii) ବଇସିଙ୍ଗା ଶାଖା କେନାଲର ଫିଡର କେନାଲ ନିର୍ମାଣ (iii) ସୁବର୍ଣ୍ଣରେଖା ମୁଖ୍ୟ କେନାଲ (ଏସଏମସି) ର ପୁନରୁଦ୍ଧାର ଏବଂ (iv) ହ୍ରାସ ହୋଇଥିବା ଦୁରତା (ଆରଡି) 88.70 କିଲୋମିଟରରୁ ଆରଡି 91.50 କିଲୋମିଟର ପର୍ଯ୍ୟନ୍ତ ଆରଆରବିସିର ସୁରକ୍ଷା ପ୍ରାଚୀର ନିର୍ମାଣ

[8] (i) ଆରଡି 45.32 କିଲୋମିଟରରୁ 45.52 କିଲୋମିଟର ପର୍ଯ୍ୟନ୍ତ ଏବଂ 45.56 କିଲୋମିଟରରୁ 45.64 କିଲୋମିଟର ପର୍ଯ୍ୟନ୍ତ ଏସଏମସି ର କ୍ଷତିଗ୍ରସ୍ତ ଅଂଶ ନିର୍ମାଣ (ii) ବଙ୍ଗମୁଣ୍ଡା ଶାଖା କେନାଲର ଅବଶିଷ୍ଟ କାର୍ଯ୍ୟ ଏବଂ (iii) ଏଲଆଇପିର ଗୋଇମୁଣ୍ଡି ବିତରକ

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| | | | | ଅସୁଲ କରିବା ଦରକାର ଥିଲା । ସରକାର ଜଣାଇଲେ (ଜୁଲାଇ 2021) ଯେ ଜଳସେଚନ ପରାମର୍ଶ ସେବା ପାଇଁ ସେବାକର ଛାଡ ନ ଥିଲା ଏବଂ ଯଦି ଛାଡ ଥିଲା ତେବେ ଫେରସ୍ତ ଦାବୀ କରାଯିବ । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ପରାମର୍ଶ ସେବା ଭାର ପ୍ରକଳ୍ପ ମୂଲ୍ୟର ଅଂଶ ଅଟେ ଏଣୁ ଏହା ଛାଡ ଅଟେ । |
| 7 | କେନାଲ ମରାମତିର ମୂଲ୍ୟ ଅନାଦେୟ | 11.17 | ଆରଆରବିସି | ଆରଆରବିସି ର ଦକ୍ଷିଣ ପାର୍ଶ୍ୱରେ ଭୂଷଣ ଷ୍ଟିଲ ପ୍ଲାଣ୍ଟ ଅବସ୍ଥିତ । ଭୂଷଣ ଷ୍ଟିଲ ପ୍ଲାଣ୍ଟକୁ କେନାଲର ବାମପାର୍ଶ୍ୱରେ ଆରଡି 39.570 କିମିରୁ ରାସ୍ତାର ଦୋହରୀକରଣ କରି ପ୍ଲାଣ୍ଟର କଞ୍ଚାମାଲ/ ତିଆରି ଦ୍ରବ୍ୟର ପରିବହନ ପାଇଁ ଡିଓଡବ୍ଲୁଏଆର ଅନୁମତି ପ୍ରଦାନ କରିଥିଲା । ଆରଆରବିସି ଆରଡି 39.275 ଠାରୁ 39.959 କିମି ପର୍ଯ୍ୟନ୍ତ ରାସ୍ତା ଭାରୀ ଯାନ ଗୁଡିକ ଯାତାୟାତ କରିବା କାରଣରୁ କ୍ଷତିଗ୍ରସ୍ତ ହୋଇଥିଲା । ବିଭାଗ କେନାଲର ପୁନରୁଦ୍ଧାର ଏବଂ ଅନ୍ୟାନ୍ୟ କ୍ଷତି ପାଇଁ 11.67 କୋଟି ଟଙ୍କା ନିର୍ଦ୍ଧାରଣ କଲା ଏବଂ ଦାବୀ କରିଥିଲା (ଡିସେମ୍ବର 2018) । ଭୂଷଣ ଷ୍ଟିଲ ପ୍ଲାଣ୍ଟ ସମସ୍ତ ଦାବୀ ନିର୍ଦ୍ଧାରଣ ପୂର୍ବରୁ ଅଗ୍ରୀମରେ 50 ଲକ୍ଷ ଟଙ୍କା ପଇଠ କରିଥିଲେ(ମେଇ 2014) ଏବଂ ଅବଶିଷ୍ଟ 11.17 କୋଟି ଟଙ୍କା ଅସୁଲ ହୋଇନଥିଲା (ଅଗଷ୍ଟ 2019) । ଏହି ବିଷୟରେ ବିଭାଗ ଦ୍ୱାରା ଅନୁସରଣ କାର୍ଯ୍ୟ କରାଯାଇନଥିଲା ।<br><br>ସରକାର,ସୁଧ ଆକାରରେ କ୍ଷତି ହେଉଥିବା ରାଜସ୍ୱ ବିଷୟରେ କିଛି ନ କହି ଗ୍ରହଣ କଲେ (ଜୁଲାଇ 2021) ଯେ ଶିଳ୍ପାନୁଷ୍ଠାନ ଠାରୁ କାର୍ଯ୍ୟ ସମାପ୍ତ ପରେ ସମସ୍ତ ଖର୍ଚ୍ଚ ଅସୁଲ କରାଯିବ । |
| 8 | କ୍ଷତିପୂରକ ଜଳସେଚନର ମୂଲ୍ୟ ଅସୁଲ ହୋଇନଥିଲା | 159.46 | ଆରଆରବିସି | ଜିଓଓ ସଂଖ୍ୟା 4538 ତାରିଖ 24 ଫେବୃଆରୀ 2016 ରେ ଅଧିସୂଚିତ ହେଲା ଯେ ଯେଉଁ ଶିଳ୍ପାନୁଷ୍ଠାନ ମାନେ ଜଳସେଚନ ଆୟକଟ୍‌କୁ ବ୍ୟବହାର କରୁଥିଲେ, ସେହି ପ୍ରକଳ୍ପର ଏକର ପ୍ରତି ନିର୍ମାଣ ଖର୍ଚ୍ଚ ଏବଂ ତିନି ବର୍ଷ ନିର୍ମାଣ ପାଇଁ ବିଳମ୍ବ ହେତୁ ଉପରୋକ୍ତ ମୂଲ୍ୟର 25 ପ୍ରତିଶତ ପଇଠ କରିବାକୁ ଆଇନ ଅନୁସାରେ ବାଧିତ । ସମୀକ୍ଷା ଅବଲୋକନ କଲା ଯେ ସାତଟି ଶିଳ୍ପାନୁଷ୍ଠାନ ଆରଆରବିସିର 5,498.49 ହେକ୍ଟର ଆୟାକଟ ବ୍ୟବହାର କରୁଥିଲେ ।<br><br>ସେହି ଭାବରେ ଏକର ପ୍ରତି 2.32 ଲକ୍ଷ ଟଙ୍କା[9] ଏବଂ ସେହି ଶିଳ୍ପାନୁଷ୍ଠାନ ମାନଙ୍କର ବିଳମ୍ବ ପାଇଁ 25 ପ୍ରତିଶତ ସହିତ 159.46 କୋଟି ଟଙ୍କା ଅସୁଲ କରିବାର ଥିଲା ଯାହାକି ଅସୁଲ ହୋଇନଥିଲା (ସେପ୍ଟେମ୍ବର 2019)। ଏହା ସୂଚିତ କରାଯିବାରୁ ସରକାର ଜଣାଇଲେ (ଜୁଲାଇ 2021) ଯେ ଦୁଇଟି ଶିଳ୍ପାନୁଷ୍ଠାନ 6.53 କୋଟି ଟଙ୍କା ପଇଠ କରିଥିଲେ ଏବଂ ଅବଶିଷ୍ଟ ପରିମାଣ ସରକାରଙ୍କର ମାର୍ଗଦର୍ଶୀକା ଅନୁସାରେ ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ଅସୁଲ ହେବ । |

[9] ହେକ୍ଟର ପିଛା ମୂଲ୍ୟ = ପ୍ରକଳ୍ପର ମୂଲ୍ୟ /ସିସିଏ ଯଥା 1,96,233 ଲକ୍ଷ / 84,406 =ହେକ୍ଟର ପିଛା 2.32 ଲକ୍ଷ ଟଙ୍କା

| କ୍ରମିକ ସଂଖ୍ୟା | ଅନିୟମିତତା ର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୂକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| 9 | ଆକସ୍ମିକ ଦେୟ ର ଅଗ୍ରାହ୍ୟ ପ୍ରଦାନ | 2.84 | ଏସଆଇପି | ପିଏସୟୁ ମାନଙ୍କୁ କାର୍ଯ୍ୟ ପ୍ରଦାନ ପାଇଁ ଜିଓଓ ସଂକଳ୍ପ ସଂଖ୍ୟା 9133 ତାରିଖ 6 ସେପ୍ଟେମ୍ବର 2012 ରେ ମାର୍ଗଦର୍ଶୀକା ବାହାର କରିଥିଲେ । ମାର୍ଗଦର୍ଶୀକା ଅନୁସାରେ କାର୍ଯ୍ୟ ଗୁଡିକ ପିଏସୟୁକୁ ଆକଳନ ମୂଲ୍ୟ ସହିତ 10 ପ୍ରତିଶତ ନିଗମ ଭାର ଦେବାକୁ ଥିଲା । ଆକସ୍ମିକ ଭାର ଦେୟ ପାଇଁ ସେଠାରେ ବ୍ୟବସ୍ଥା ନ ଥିଲା । ଉକ୍ତ ଆଦେଶକୁ ଉଲ୍ଲଙ୍ଘନ କରି ଏସଆଇପିର ଚାରିଟି କାର୍ଯ୍ୟରେ ପିଏସୟୁକୁ ଆକସ୍ମିକ ଭାର ଏକ ପ୍ରତିଶତ ହିସାବରେ 2.84 କୋଟି ଟଙ୍କାର ଦେୟ ପ୍ରଦାନ କରାଯାଇଥିଲା ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ଚୂଡାନ୍ତ ଦେୟ ସମୟରେ ଏଜେନ୍ସି ଦ୍ୱାରା କୌଣସି ଆକସ୍ମିକ ଭାର ବାବଦରେ ଦେୟର ପ୍ରତି ପୂରଣ ହୋଇପାରିବ । |
| 10 | ରୟାଲ୍‌ଟିର ଅଣ ଅସୁଲି | 4.26 | ଏଲଆଇଆଇପ | ଲଘୁ ଖଣିଜ ସମ୍ପଦ ନିୟମ ଅନୁସାରେ ନିର୍ମାଣ ପାଇଁ ସାମଗ୍ରୀ ଯଥା- ମାଟି, ବାଲି, ଗୋଡି ଇତ୍ୟାଦି ପାଇଁ ଯଦି ଠିକାଦାର ରୟାଲଟି ପଇଠ କରିନଥାନ୍ତି, ଠିକାଦାରମାନଙ୍କ ବିଲ୍‌ରୁ ରୟାଲ୍‌ଟି ବିହିତ ଅନୁସାରେ ଅସୁଲ ହେବାର ଥିଲା । ଦଶଟି କାର୍ଯ୍ୟ[10] ଯାହାର ନଭେମ୍ବର 2014 ଏବଂ ଜୁଲାଇ 2018 ମଧ୍ୟରେ ସମାପ୍ତି କରିବା ପାଇଁ 88,07 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । କେନାଲ ବନ୍ଧର କାର୍ଯ୍ୟନିର୍ବାହ ପାଇଁ 14.31 ଲକ୍ଷ ଘନ ମିଟର ବିବର ମାଟି ଠିକାଦାରମାନେ ପରିବହନ କରିଥିଲେ । ଠିକାଦାର ମାନଙ୍କ ବିଲ୍ ଗୁଡିକରୁ ମାଟିର ରୟାଲ୍‌ଟି ବାବଦରେ ଘନ ମିଟର ପ୍ରତି 27.44/35 ଟଙ୍କା ହିସାବରେ 4.26 କୋଟି ଟଙ୍କା ଅସୁଲ ହୋଇପାରି ନ ଥିଲା, ଫଳରେ ରାଜସ୍ୱ କ୍ଷତି ହେଲା ।<br>ସରକାର ଜଣାଇଲେ (ଜୁଲାଇ 2021) ଯେ ରୟାଲଟି ବାବଦରେ 1.17 କୋଟି ଟଙ୍କା ଅସୁଲ ହୋଇଥିଲା ଏବଂ ଅବଶିଷ୍ଟ ଅସୁଲ କରାଯିବ । |
| 11 | ଆୟାକଟର ପ୍ରମାଣୀକରଣ ନ ହେବା କାରଣରୁ ରାଜସ୍ୱ କ୍ଷତି | 23.99 | ଏସଆଇପି, ୟୁଆଇଆଇପି ଏବଂ ଆରଏଲବିସି | ରାଜସ୍ୱ ପରିମାଣ ବୃଦ୍ଧି ଉପରେ ବିଶେଷଜ୍ଞ କମିଟିର ଜିଓଓର ଅର୍ଥ ବିଭାଗର ବିବୃତି ଅନୁସାରେ ରାଜସ୍ୱର ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଜଳସେଚିତ ଆୟାକଟ୍‌ର ପ୍ରମାଣୀକରଣ ଏବଂ ପ୍ରସ୍ତୁତି ପାଇଁ ଇଇ ମାନେ ଦାୟୀ ଅଟନ୍ତି । ରାଜସ୍ୱ ବିଭାଗ ଏବଂ ଡିଓଡବ୍ଲୁଆର ଦ୍ୱାରା ସାମୂହିକ ସତ୍ୟାପନ କରିବାର ଥିଲା । ସାମୂହିକ ସତ୍ୟାପନ ପରେ ରାଜସ୍ୱର ନିର୍ଦ୍ଧାରଣ ଚୂଡାନ୍ତ କରାଯାଇଥାଏ ।<br>ସମୀକ୍ଷା ଅବଲୋକନ କଲା ଯେ 1987 ରୁ 2012 ମଧ୍ୟରେ 83,082 ହେକ୍ଟର ଜଳ ଯୋଗାଇବା ସତ୍ତ୍ୱେ ସାମୂହିକ ସତ୍ୟାପନ ଦ୍ୱାରା ପ୍ରମାଣନ କରାଯାଇ ନ ଥିଲା, ଏହା ଫଳରେ କୃଷକମାନଙ୍କ ଠାରୁ ଜଳକର ଅସୁଲ ହୋଇପାରି ନ ଥିଲା ଫଳରେ 23.99 କୋଟି[11] ଟଙ୍କାର ରାଜସ୍ୱ କ୍ଷତି ହେଲା । |

[10] (i) ଏଲଆଇଆଇପି ର ମାମିଆନ୍ ବିତରକଙ୍କ ନିର୍ମାଣ, (ii) ଡିଆଟନ ଶାଖା କେନାଲ ଆରଡି 0 / 0 ରୁ 6.50 କିଲୋମିଟର ପର୍ଯ୍ୟନ୍ତ (iii) ଚୁଲିଫୁଙ୍କା ମାଇନର ନିର୍ମାଣ (iv) ନଗଲଜୋଇ ସବ୍ ମାଇନର ନିର୍ମାଣ (v) ଅଲଣ୍ଡା ବିତରକଙ୍କର ନିର୍ମାଣ (vi) ଯମପଡା ବିତରକ ର ନିର୍ମାଣ (vii) ପାଲାସଖଣ୍ଡ ବିତରକର ଅବଶିଷ୍ଟ କାର୍ଯ୍ୟର ନିର୍ମାଣ (viii) ଡିଆଟନ ଶାଖା କେନାଲ ଆରଡି 6.50 ରୁ 9.50 କିଲୋମିଟର ପର୍ଯ୍ୟନ୍ତ ନିର୍ମାଣ (ix) ମଣିଗାଓଁ ମାଇନରର ନିର୍ମାଣ, ଏବଂ (x) ବଙ୍ଗମୁଣ୍ଡା ଶାଖା କେନାଲର ନିର୍ମାଣ

[11] ଆୟାକଟ ଜଳସେଚିତ ଅଞ୍ଚଳ X ବର୍ଷ ସଂଖ୍ୟା X ବାର୍ଷିକ ଜଳ ଦର

| କ୍ରମିକ ସଂଖ୍ୟା | ଅନିୟମିତତାର ପ୍ରକାର | ପରିମାଣ (କୋଟି ଟଙ୍କାରେ) | ଅନ୍ତର୍ଭୁକ୍ତ ପ୍ରକଳ୍ପଗୁଡିକ | ଅନିୟମିତତାଗୁଡିକ ସଂକ୍ଷେପରେ |
|---|---|---|---|---|
| | | | | ସରକାର ଜଣାଇଲେ (ଜୁଲାଇ 2021) ଯେ ଏସଆଇପି ପ୍ରକଳ୍ପରେ ତହସିଲଦାର ମାନଙ୍କ ଠାରୁ ଆୟାକଟର ପ୍ରମାଣନ ପାଇବାପାଇଁ ପଦକ୍ଷେପ ନିଆଯାଉଅଛି। |
| 12 | ସଂଶୋଧିତ ପ୍ରଶାସନିକ ଅନୁମୋଦନ ନ ଥାଇ ଅନଧିକୃତ ଖର୍ଚ୍ଚ | 617.44 | ଇଉଆଇଆଇପି ଏବଂ ଏମଆଇପି | ଓପିଡବ୍ଲ୍ୟୁଡି ସଂହିତାର ଧାରା 3.2.4 ଧାର୍ଯ୍ୟ କରିଛି ଯେ ଯଦି ଏକ ପ୍ରକଳ୍ପର ବ୍ୟୟ ପ୍ରଶାସନିକ ଅନୁମୋଦିତ ମୂଲ୍ୟର 10 ପ୍ରତିଶତରୁ ଅଧିକ ହୁଏ, ତେବେ ବିଳମ୍ବ ନ କରି ଅତିରିକ୍ତ ଖର୍ଚ୍ଚ ପାଇଁ ଦକ୍ଷ ଅଧିକାରୀଙ୍କ ସଂଶୋଧିତ ପ୍ରଶାସନିକ ଅନୁମୋଦନ ପାଇବା ଆବଶ୍ୟକ। ସମୀକ୍ଷା ଦେଖିଲା ଯେ ଯଦିଓ ୟୁଆଇଆଇପି ଏବଂ ସାତଟି ଏମଆଇ ପ୍ରକଳ୍ପର ଖର୍ଚ୍ଚ ସଂଶୋଧିତ ଅନୁମୋଦିତ ମୂଲ୍ୟର 10 ପ୍ରତିଶତରୁ ଅଧିକ ହୋଇଛି, ମାର୍ଚ୍ଚ 2021 ସୁଦ୍ଧା ସଂଶୋଧିତ ପ୍ରଶାସନିକ ଅନୁମୋଦନ ମିଳିପାରି ନାହିଁ। |
| ମୋଟ | | **2,203.84** | | |

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

ଉପର ସଂକ୍ଷେପରେ ଯେପରି ଦର୍ଶାଯାଇଛି, ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ ପ୍ରକଳ୍ପ ଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ଖର୍ଚ୍ଚ ନ ହେବା କାରଣରୁ ନମୂନା ଯାଞ୍ଚ ହୋଇଥିବା ପ୍ରକଳ୍ପ ଗୁଡିକର ଆର୍ଥିକ ପରିଚାଳନା ବିଚଳିତ ହୋଇଥିଲା । ଯେହେତୁ ପାଞ୍ଚଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପର କର୍ତ୍ତୃପକ୍ଷ ବାଧତାମୂଳକ କ୍ଲିୟରାନ୍ସରେ ବିଳମ୍ବ, ସାଇଟ ହସ୍ତାନ୍ତର ଇତ୍ୟାଦି କାରଣରୁ ମଞ୍ଜୁର ହୋଇଥିବା ପାଣ୍ଠି 2014-20 ମଧ୍ୟରେ ଖର୍ଚ୍ଚ କରି ପାରି ନଥିଲେ 842.98 କୋଟି ଟଙ୍କା ସମର୍ପଣ କରାଯାଇଥିଲା । କେନ୍ଦ୍ରୀୟ ସହାୟତା ନ ପାଇବା, ପାଣ୍ଠିର ବ୍ୟବହାର ବିନା ବିଭିନ୍ନ ବ୍ୟାଙ୍କରେ ଜମା ରଖିବା, ସିଭିଲ ଜମା ଆକାଉଣ୍ଟରେ ଅଗ୍ରୀମ ଜମା ନ କରିବା, ସରକାରୀ ରାଜସ୍ୱ ହାସଲ ନ କରିବା, ଅଗ୍ରୀମ ଅସୁଝା ଏବଂ ଅଯୋଗ୍ୟ ଦେୟ ପରି ପ୍ରସଙ୍ଗ ସର୍ବମୋଟ 2,203.84 କୋଟି ଟଙ୍କାର ଦେଖାଯାଇଥିଲା ।

ପ୍ରସ୍ଥାନ ସମ୍ମିଳନୀ ସମୟରେ (ଅଗଷ୍ଟ 2021) ପ୍ରମୁଖ ସଚିବ, ଡିଓଡବ୍ଲ୍ୟୁଆର ଉପରୋକ୍ତ ଆର୍ଥିକ ପର୍ଯ୍ୟବେକ୍ଷଣ ସହିତ ସହମତ ହୋଇଥିଲେ ଏବଂ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବରୁ ନିଆଯାଇଥିବା କେତେକ କାର୍ଯ୍ୟାନୁଷ୍ଠାନ ଗୁଡିକ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଛି ।

ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ସ୍ଥିର କରିବା ଆବଶ୍ୟକ ।

***ସୁପାରିଶ :***

- **ଜଳସେଚନ ପ୍ରକଳ୍ପର ଆର୍ଥିକ ପରିଚାଳନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିବା ଏବଂ ଆର୍ଥିକ ଅନିୟମିତତା ପାଇଁ କାର୍ଯ୍ୟ ନିର୍ବାହୀ ମାନଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକ ।**